OFFICE OF THE TAHASILDAR KULIANA, MAYURBHANJ

# ତହସିଲଦାରଙ୍କ କାର୍ଯ୍ୟାଳୟ, କୁଳିଅଣା, ମୟୂରଭଞ୍ଜ

E mail Id – tah.kuliana-od@nic.in

ବିଜ୍ଞପ୍ତି ସଂଖ୍ୟା.-2699/(Touzi)ତା-14.10.2022//

## ଦୀର୍ଘ ମିଆଦୀ ଲିଜ ନିମନ୍ତେ ବିଜ୍ଞାପନ

(ଓଡ଼ିଶା ଲଘୁଖଣିଜ ଦ୍ରବ୍ୟ ରିହାତି ନିୟମ 2016 ଓ ଉ ସଂପୃକ୍ତ ଓଡ଼ିଶା ଲଘୁ ଖଣିଜ ସଂଶୋଧନ ନିୟମ 2017,2018 ଓ 2022 ଅନୁଯାୟୀ)

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ତ କୁଳିଅଣା ତହସିଲ ଅନ୍ତର୍ଗତ ପାଣିଜିଆ ପଥର ଖାଦାନ (ସୈରାତ) ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ) କୁ ଅନ୍ୟୁନ୍ୟ 5 (ପାଞ୍ଚ) ବର୍ଷ ନିମନ୍ତେ (2022-2023 ଠାରୁ 2026-2027 ପର୍ଯ୍ୟନ୍ତ) ଦୀର୍ଘ ମିଆଦି ଲିଜ ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତି ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତି ଓଡିଶା OMMC RULES 2016 ର ଫର୍ମ-M (3ସେଟ) ପୂରଣ କରି, ନିମ୍ନଲିଖିତ ଦସ୍ତାବିଜ ସଂଲଗ୍ନ କରି ଜଉମୁଦ ଦିଆଯାଇଥିବା ଲଫାପା (Sealed Cover)ରେ ଆବେଦନ କରୁଥିବା ଉତ୍ସର ନାମ ଓ ସୈରାତ କେସ୍ ନମ୍ବର ଉଲ୍ଲେଖ କରି Registered Post/ Speed Post ଜରିଆରେ କୁଳିଅଣା ତହସିଲଦାରଙ୍କ କାର୍ଯାଳୟ ଠିକଣାରେ ପଠାଇ ପାରିବେ । ଏହା ବ୍ୟତୀତ ତହସିରଦାର କାର୍ଯ୍ୟାଳୟରେ ଥିବା ଜଉମୁଦ ଦିଆ ଟେଣ୍ଡର ବାକ୍ସରେ ମଧ୍ୟ ପକାଇ ପାରିବେ । ଦରଖାସ୍ତ ଗ୍ରହଣ ର ସମୟ ଆସନ୍ତା ତା 22.10.2022ରିଖ ଠାରୁ ତା 17.11.2022 ରିଖ ଅପରାହ୍ନ ଘ 5 ଟିକା ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଅଛି । ଧାର୍ଯ୍ୟ ସମୟ ଓ ତାରିଖ ଅତିକ୍ରାନ୍ତ ପରେ କୌଣସି ଦରଖାସ୍ତ ଗ୍ରହଣୀୟ ହେବ ନାହିଁ ଏବଂ ହସ୍ତଗତ ହୋଇଥିବା ଦରଖାସ୍ତ ଗୁଡ଼ିକୁ ବିଚାର କୁ ନିଆଯିବ ନାହିଁ । ତହସିଲଦାରଙ୍କ ଦ୍ୱାରା ସୈରାତ ଉତ୍ସ ର ନିଲାମ ଆବେଦନକାରୀ କିମ୍ବା ତାଙ୍କ ଦ୍ବାରା କ୍ଷମତା ପ୍ରାପ୍ତ ପ୍ରତିନିଧି ଙ୍କ ଉପସ୍ଥିତିରେ ତା 18.11.2022 ରିଖ ଘ11ଟିକା ସମୟରେ ଟେଣ୍ଡର ବାକ୍ସ ଖୋଲାଯାଇ ଅପରାହ୍ନ ଘ3ଟିକା ସମୟରେ ତହସିଲଦାର କୁଳିଅଣାଙ୍କ ପ୍ରକୋଷ୍ଠ ରେ ନିଲାମ ଚୂଡ଼ାନ୍ତ କରାଯିବ । କୌଣସି କାରଣ ନଦର୍ଶାଇ ନିଲାମ କୁ ରଦ୍ଦ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀ ଏବଂ ଜିଲ୍ଲାପାଳ ମୟୂରଭଞ୍ଜ ଙ୍କର କ୍ଷମତା ପରିସର ଭୁକ୍ତ ଅଟେ।

### ଆବଶ୍ୟକୀୟ ଦସ୍ତାବିଜ୍

1. ଦରଖାସ୍ତ ଫି ବାବଦକୁ ଟ.1,000/- (ଏକ ହଜାର) ଟଙ୍କାର ଟ୍ରେଜେରୀ ଚାଲାଣ (Head of Account – 0853 – 102 – 0217- 02021 Non-Ferrous Mining and Metallurgical Industries –102- Mineral Concession Fees, Rents and Royalties) ଜମା କରିବାକୁ ପଡିବ ।ଏହି ଦରଖାସ୍ତ ଫି ଫେରସ୍ତ କରାଯିବ ନାହିଁ ।
2. ଦରଖାସ୍ତକାରୀଙ୍କ ପାନ କାର୍ଡ ଏବଂ ଆଧାର କାର୍ଡ/ଭୋଟ ପରିଚୟ ପତ୍ର କିମ୍ବା ସମ୍ପୂର୍ଣ୍ଣ ଠିକଣା ଥିବା ପ୍ରମାଣ ପତ୍ର ଦାଖଲ କରିବେ । ଏଥି ସହ ଦରଖାସ୍ତକାରୀଙ୍କର Mobile No. ମଧ୍ୟ ଉଲ୍ଲେଖ କରିବେ ।
3. ଦରଖାସ୍ତକାରୀଙ୍କ ନାମରେ ଉପରୋକ୍ତ ଆଇନ ଅନୁଯାୟୀ କୌଣସି ଖଣିଜ ଦେୟ ବକେୟା ନ ଥିବା ଦର୍ଶାଇ ଏକ ସତ୍ୟପାଠ (AFFIDAVIT) ଏଥି ସହ ସଂଲଗ୍ନ କରିବେ।
4. ସୈରାତ ଉତ୍ସର ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ଉପରେ(Mining Plan)ମୁତାବକ ନୋଟିସରେ ଉଲ୍ଲେଖ ଅତିରିକ୍ତ ଦେୟ (Addl Charges) ତଥା ରୟାଲିଟିର ଶତକଡା 5 ଭାଗ ରାଶି EMD (Earnest Money Deposit) ନିମନ୍ତେ ତହସିଲଦାର କୁଳିଅଣା ଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ଦରଖାସ୍ତ ଫର୍ମ-M ସହିତ ଦାଖଲ ଦେବେ। ଏହାର ସବିଶେଷ ବ୍ୟାଖା ନିମ୍ନରେ ପ୍ରଦତ୍ତ ହେଲା । **EMD = 5% of (Minimum Guaranteed Quantity X Minimum Additional Charges specified in the Notice + Royalty).** ଉକ୍ତ ବ୍ୟାଙ୍କ ଡ୍ରାଫ୍ଟ ତହସିଲଦାର କୁଳିଅଣା ଙ୍କ ନାମରେ **Payable at SBI Baripada Main Branch** କରିବା ବାଞ୍ଛନିୟ ନଚେତ୍ ଦରଖାସ୍ତ ଟିକୁ ବିଚାରକୁ ନିଆଯିବ ନାହିଁ ।

ନାମରେ **Payable at SBI Baripada Main Branch** କରିବା ବାଞ୍ଛନିୟ ନଚେତ୍ ଦରଖାସ୍ତ ଟିକୁ ବିଚାରକୁ ନିଆଯିବ ନାହିଁ ।

5. ଦରଖାସ୍ତକାରୀ 18 ମାସର ବ୍ୟାଙ୍କ ପ୍ରତ୍ୟହୃତି (ବ୍ୟାଙ୍କ ଗ୍ୟାରେଣ୍ଟି)/ଗତ ଆର୍ଥିକ ବର୍ଷର ଆୟକର ଦାଖଲ (Income Tax return filing) ର ପରିମାଣ ଦାଖଲ କରିବେ ଯାହାର ପରିମାଣ ସର୍ବନିମ୍ନ ମୂଲ୍ୟ ସୈରାତ ଉତ୍ସର ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (MGQ for hall one Year as amended by OMMC rule 2022 rule 2027 in sub-rule (4) closed (iv)) ( Bank Guarantee) (Valid for 18 months) = Minimum Guaranteed Quantity x (Offered Additional Charge + Royalty) ହେବା ଆବଶ୍ୟକ ।
6. ପ୍ରାଧିକୃତ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବା ଆବେଦନକାରୀଙ୍କ ସ୍ଥାବର ସମ୍ପତ୍ତି **(Immovable Property)** ର ତାଲିକା ।
7. ଦରଖାସ୍ତୀଙ୍କର GST registration ର କପି ।
8. ଦରଖାସ୍ତକାରୀଙ୍କର GST ବାବଦକୁ କୌଣସି ବକେୟା ନଥିବା କିମ୍ବା ପ୍ରମାଣ ପତ୍ର ପ୍ରାଧିକୃତ GST ଅଧିକାରଙ୍କ ଠାରୁ ପ୍ରଦାନ କରିବେ।

**ବି.ଦ୍ର.- ଉପରୋକ୍ତ ନୀୟମାବଳୀ ଓ ଦସ୍ତାବିଜ ନଥିଲେ କିମ୍ବା କୌଣସି ତ୍ରୁଟି ପରିଲକ୍ଷିତ ହେଲେ ଆବେଦନକାରୀଙ୍କର ଆବେଦନଟିକୁ ନିଲାମ ପ୍ରକ୍ରିୟାରୁ ବାଦ ଦିଆଯିବ ।**

**ଲିଜ ପାଇଁ ଉଦ୍ଦିଷ୍ଟ ସୈରାତ ଉତ୍ସର ବିସ୍ତାରିତ ବିବରଣୀ ଧାର୍ଯ୍ୟ**

| କ୍ର. ନଂ | ସୈରାତ୍ ଉତ୍ସର ନାମ | ମୌଜା | ଖାତା ନଂ | ପ୍ଲଟ ନଂ | କିସମ | ରକବା (ହେକ୍ଟର ରେ) | ସରକାରୀ ଧାର୍ଯ୍ୟ ରୟାଲିଟି ର ମୂଲ୍ୟ (ପ୍ରତି ଘ.ମିଟର) (ଟଙ୍କାରେ) | ସରକାରୀ ଧାର୍ଯ୍ୟ ଅତିରିକ୍ତ ଦେୟ (ପ୍ରତି ଘ.ମିଟର) (ଟଙ୍କାରେ | ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଲଘୁ ଖଣିଜ ଉତ୍ତୋଳନ ର ପରିମାଣ ଘ.ମିଟରରେ | ଦରଖାସ୍ତ ପାଉଣା ରାଶିର ପରିମାଣ (ଚାଲାଣ ଆକାରରେ) | ଅମାନତ ରାଶି (EMD) ବାବଦକୁ ଦେୟ (ଟଙ୍କାରେ) ମୋଟ ବିଜ୍ଞାପିତ ଧାର୍ଯ୍ୟ ରୟାଲିଟି ଦେୟର 5% |
|---|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 |
| 1 | ପାଣିଜିଆ ପଥର ଖାଦାନ | ପାଣିଜିଆ | 152 | 994,1019,1047, 1087,1089,1091 ,1095,1097, 1099,1102 & 1108 | ପଥରବଣି | 1.093 | 130 | 388 | 950 | 1000/- | 24,605/- |

**ସର୍ତ୍ତାବଳୀ**

| | |
|---|---|
| 1 | ଆବେଦନକାରୀ ମାନେ OMMC Rules 2016 & Amendment Rules there after ର ପରିସର ଭୁକ୍ତ ରହିବେ ଏବଂ ତତ ସଂଲଗ୍ନ ସମସ୍ତ ସରକାରୀ ଓ ଅଦାଲତ ଆଦେଶ ମାନିବାକୁ ବାଧ ହେବେ । |
| 2 | ଲିଜ୍ ପାଇଁ ଆବେଦନ କରିବା ପୂର୍ବରୁ ଇଚ୍ଛୁକ ବ୍ୟକ୍ତି ଲଘୁ ଖଣିଜ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନା ଗମନ ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ସୈରାତ ପରିଦର୍ଶନ କରି ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟାବେକ୍ଷଣ କରି ଲିଜରେ ଭାଗନେବେ । ଲିଜ ନେବା ପରେ ସୈରାତ ପରିଚାଳନା କିମ୍ବା ରାସ୍ତା ଦେଖାଇବା ସମ୍ପର୍କରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣୀୟ ହେବନାହିଁ ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । |
| 3 | ଲିଜ ପାଇବା ପରେ ସୈରାତ ଚଳାଇବା ପାଇଁ କୌଣସି ଅଭିଯୋଗ ଗ୍ରହଣୀୟ ହେବନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ହେବେ ନାହିଁ । |
| 4 | ପ୍ରଚଳିତ ନିୟମାବଳୀ ଅନୁଯାୟୀ ଅତିରିକ୍ତ ଦେୟ (Additional Charge) ବାବଦକୁ ସର୍ବୋଚ୍ଚ ମୂଲ୍ୟ ଦରଜ କରିଥିବା ନିଲାମାଧାରୀଙ୍କ ଦରଖାସ୍ତକୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି 1ରୁ ଅଧିକ ନିଲାମ ଧାରୀ ସମାନ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିଥିବେ ତେବେ ଲଟେରୀ (Draw of lots) ମାଧ୍ୟମରେ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । |

OFFICE OF THE TAHASI…

| | |
|---|---|
| 5 | ଯୋଗ୍ୟ ଆବେଦନକାରୀଙ୍କୁ ମନୋନୟନର ସାତ ଦିନ ମଧ୍ୟରେ ନିର୍ଦ୍ଧାରିତ ଫର୍ମ-F ରେ ସୂଚିତ କରାଯିବ ଏବଂ ସୂଚନା ପାଇବାର 15 ଦିନ ମଧ୍ୟରେ OMMC RULES 2016 ତଥା ପରବର୍ତ୍ତୀ ସଂଶୋଧିତ ନିୟମ ର ସର୍ତ୍ତାବଳୀ ଗ୍ରହଣ ପୂର୍ବକ ସମ୍ମତି ପ୍ରଦାନ କରିବେ ଏବଂ ମାଇନଂ ପ୍ଲାନରେ ଧାର୍ଯ୍ୟ ହୋଇଥିବା ବାର୍ଷିକ ସର୍ବନିମ୍ନ ଉତ୍ତୋଳନ ପରିମାଣ ଉପରେ ଦରଖାସ୍ତ ରେ ଦର୍ଶାଇଥିବା ରୟାଲିଟି ଓ **Additional Charges** ତଥା **DMF** କୁ ଥିବାର ଦେୟର ଏକ ଚତୁର୍ଥାଂଶରୁ ଅମାନତ ରାଶି **(EMD)** ବାଦ ଦେଇ ବଳକା ଅର୍ଥ ଡ୍ରାଫ୍ଟ କିମ୍ବା କେସ୍ ଆକାରରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଠାରେ **(Security Deposit)** ପୈଠ କରିବେ \|<br>ସୂତ୍ର-[(ରୟାଲିଟି+ପକାଇଥିବା ଅତିରିକ୍ତ ଦେୟ)X MGQ+ ଦେୟ DMF ର 25%)]- ଆଗରୁ ପୈଠ କରିଥିବା EMD ରାଶି \|<br>**FORMULA-[(ROYALITY+ offered ADDL CHARGES)XMGQ+ 25% OF DMF DUE)]-EARILIAR DEPOSITED EMD AMMOUNT \|** |
| 6 | ଆବେଦନକାରୀ ଦରଖାସ୍ତରେ ଦର୍ଶାଇଥିବା ଅତିରିକ୍ତ ଦେୟ ତଥା ରୟାଲଟି ମୂଲ୍ୟ Mining Plan ରେ ଦର୍ଶାଯାଇଥିବା ଲଘୁ ଖଣିଜ ଉତ୍ତୋଳନ ପରିମାଣ ଅନୁଯାୟୀ ବାର୍ଷିକ ସମସ୍ତ ଟଙ୍କା ଲିଜଧାରୀଙ୍କୁ ଏକକାଳୀନ ଦାଖଲ କରିବାକୁ ପଡିବ। ଏହା ବ୍ୟତୀତ ଆବେଦନକାରୀ ବା ଲିଜଧାରୀ ଦାଖଲ କରିଥିବା ସମସ୍ତ ଅତିରିକ୍ତ ଦେୟ ତଥା ରୟାଲଟି ମୂଲ୍ୟର ଶତକଡା 5% ଭାଗ ଅର୍ଥ ପରିବେଶ ପରିଚାଳନା ପାଣ୍ଠି ବାବଦକୁ ପୈଠ କରିବା ସହିତ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ District Mineral foundation ବାବଦକୁ ଶତକଡା 10% ଭାଗ ଅର୍ଥ ଜମା କରିବାକୁ ପଡିବ \|ସେହିଭଳି **ଲିଜ ଧାରିଙ୍କୁ ଆଗାମି 7 (ସାତ) ଦିନ ମଧ୍ୟରେ ପ୍ରଥମ ବର୍ଷର ପରିମାଣ ଅନୁଯାୟୀ (ନିମ୍ନରେ ପ୍ରଦତ୍ତ ସୂଚୀ ଅନୁସାରେ) ବକେୟା ଥିବା ଅତିରିକ୍ତ ଦେୟ ତଥା ରୟାଲଟିର ମୂଲ୍ୟ ଜମା କରିବାକୁ ପଡିବ । ଲିଜଧାରୀ ବକେୟା ଥିବା ମୂଲ୍ୟ ଜମା କରିବା ପରେ ନିଜ ଖର୍ଚ୍ଚରେ ଲିଜ ବା ଚୁକ୍ତି(Agreement) (ରେଜିଷ୍ଟ୍ରେସନ ଆକ୍ଟ – 1908 ଓ ଷ୍ଟାମ୍ପ ଆକ୍ଟ 1899 ଅନୁଯାୟୀ) ସମ୍ପାଦନ କରିବେ । ଯଦି ନିୟୋଜିତ ଦରଖାସ୍ତକାରୀ ଚୁକ୍ତି ସମ୍ପାଦନ ପୂର୍ବରୁ ନିର୍ଦ୍ଧାରିତ ମୂଲ୍ୟ ଜମା ନ କରନ୍ତି, ତେବେ ତାଙ୍କର EMDଓ ଜମା କରିଥିବା ରାଶି ବାଜ୍ୟାପ୍ତ କରି ସରକାରଙ୍କ ନିକଟରେ ଜମା ଦିଆଯିବ**\| ପରବର୍ତ୍ତୀ ବର୍ଷ ଗୁଡିକ ପାଇଁ ପ୍ରତ୍ୟେକ ବର୍ଷ ଲିଜ ଚୁକ୍ତି (Lease Agreement) ର ଦିନ ଶେଷ ହେବାର 2ମାସ ପୂର୍ବରୁ ଦେୟ ପୈଠ କରିବେ \| |
| 7 | ଯଦି ସର୍ବୋଚ୍ଚଅତିରିକ୍ତ ଦେୟ (Additional Charge)ମୂଲ୍ୟାଙ୍କ କରିଥିବା ଆବେଦନକାରୀ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ ଦେୟ ପୈଠ ନ କରନ୍ତି ବା ଖିଲାପ କରନ୍ତି ତାହେଲେ ଦ୍ୱିତୀୟ ସର୍ବାଧିକ ମୂଲ୍ୟାଙ୍କ କରିଥିବା ନିଲାମଧାରିଙ୍କୁ ସୁଯୋଗ ଦିଆଯିବ \| |
| 8 | ଯଦି ଦ୍ୱିତୀୟ ସର୍ବୋଚ୍ଚ ଅତିରିକ୍ତ ଦେୟ (Additional Charge)ମୂଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଅର୍ଥ ରାଶି ପ୍ରଥମ ସର୍ବୋଚ୍ଚ ମୂଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଅର୍ଥରାଶିଠାରୁ ଅତିକମ୍ ହୋଇଥାଏ, ତେବେ ଲିଜ୍ ପ୍ରକ୍ରିୟାକୁ ରଦ୍ଦ କରାଯାଇ Controlling Authority ଙ୍କ ଅନୁମତି କ୍ରମେ ନୂତନ ରୂପେ ନିଲାମ କରାଯିବ \| |
| 9 | ଲିଜଧାରିଙ୍କ ପ୍ରତ୍ୟେକ ବର୍ଷ ଧାର୍ଯ୍ୟ କରାଯାଇଥିବା ରୟାଲଟି ଏବଂ ଅତିରିକ୍ତ ଦେୟ ସହିତ Dead Rent & Surface Rent ଦାଖଲ କରିବାକୁ ପଡିବ ଲିଜଧାରୀଙ୍କୁ ସରକାରଙ୍କ ଦ୍ୱାରା ସମୟାନୁକ୍ରମେ ବର୍ଦ୍ଧିତ ହେଉଥିବା ରୟାଲଟି/Dead Rent ଓ ଅନ୍ୟାନ୍ୟ ଦେୟର ଧାର୍ଯ୍ୟ ମୂଲ୍ୟ ଜମାକରିବାକୁ ପଡିବ \| ପ୍ରାଧିକୃତ ଅଧିକାରୀ Mining Planରେ ଦର୍ଶାଯାଇଥିବା ସର୍ବନିମ୍ନ ଉଲ୍ଲେଖ ପରିମାଣ ଏହି ନୋଟିସରେ ଦର୍ଶାଇଥିବା ପରିମାଣ ସହିତ ସମାନ କିମ୍ବା ଅଧିକ ହୋଇପାରେ \|ତେଣୁ ଦିଆଯାଇଥିବା ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ମୁତାବକ ସମସ୍ତ ଦେୟ ରୟାଲଟି DMF ଏବଂ ଅନ୍ୟାନ୍ୟ ଦେୟ ଦାଖଲ କରିବେ \| |
| 10 | ଲଘୁ ଖଣିଜ ଦ୍ରବ୍ୟ ପାଇଁ OMMC RULES 2016 ଅନୁସାରେ ସରକାରଙ୍କ ଦ୍ୱାରା ନିମ୍ନ ମତେ ରୟାଲିଟି,ସରଫେସ୍ ରେଣ୍ଟ ଓ ଡେଡ୍ ରେଣ୍ଟଧାର୍ଯ୍ୟ ହୋଇଅଛି\|<br>**କ. ରୟାଲିଟି-ଟ130ଙ୍କା (ପ୍ରତି ଘନମିଟର)**<br>**ଖ.ସରଫେସ୍ ରେଣ୍ଟ-ଟ360ଙ୍କା (ପ୍ରତି ହେକ୍ଟର)**<br>**ଗ.ଡେଡ୍ ରେଣ୍ଟ-ଟ18000ଙ୍କା (ପ୍ରତି ହେକ୍ଟର)** |
| 11 | ଲିଜଧାରୀ ବାର୍ଷିକ ରୟାଲିଟି ମୂଲ୍ୟର **2 % (ଶତକଡା ଦୁଇ) ଆୟକର** ଓ ସମୟାନୁକ୍ରମେ ସରକାରଙ୍କ ଦ୍ୱାରା ଲାଗୁ କରାଯାଇଥିବା ଅନ୍ୟାନ୍ୟ ସରକାରୀ ଦେୟ ପ୍ରତ୍ୟେକ ବର୍ଷ ଜମାକରିବା ପାଇଁ ପଡ଼ିବ \| |
| 12 | ମନୋନୀତ ଆବେଦନକାରୀMining Plan ତଥା Environment Clearance ବାବଦରେ ଖର୍ଚ୍ଚ ହୋଇଥିବା ଟଙ୍କା ଦେବାକୁ ପଡ଼ିବ। ଏହା ସହିତ ଲିଜଧାରୀଙ୍କୁ ବିଜ୍ଞାପନ ଖର୍ଚ୍ଚ ବହନ କରିବାକୁ ପଡିବ ଓ ତତ୍ ସଂଲଗ୍ନ ଅନ୍ୟାନ୍ୟ ଖର୍ଚ୍ଚ ବହନ କରିବାକୁ ପଡ଼ିବ \| ଏ ସବୁ ସମସ୍ତ ଦେୟ ଚୁକ୍ତିନାମା (AGREEMENT) ପୂର୍ବରୁ ପୈଠ କରିବେ \| |
| 13 | ନିଲାମ ତାରିଖ ଦିନ ଦରଖାସ୍ତକାରୀ କିମ୍ବା ତାଙ୍କର ଅଧିକୃତ ପ୍ରତିନିଧି ଅନୁପସ୍ଥିତ ରହିଲେ ତାଙ୍କର କୌଣସି ଅଭିଯୋଗ ଶୁଣାଯିବନାହିଁ \| |

OFFICE OF THE TAHASILDAR

| | |
|---|---|
| 14 | ପରିବେଶ ମଞ୍ଜୁରୀ ମିଳିବା ପରେ REGISTRATION ACT 1908 ଏବଂ STAMP ACT 1899 ଅନୁଯାୟୀ ନିଜ ଖର୍ଚ୍ଚରେ ଚୁକ୍ତି ନାମା ଦସ୍ତାବିଜ ସମ୍ପାଦନ କରିବେ । ଯଦି 3 ସପ୍ତାହ ମଧ୍ୟରେ ଚୁକ୍ତି ନାମା କାର୍ଯ୍ୟକାରୀ ନକରନ୍ତି ତେବେ ପୈଠ କରିଥିବା (Security Deposit) ଟଙ୍କା ବ୍ୟାଜାପ୍ତ କରି ସରକାରଙ୍କ ତହବିଲ ରେ ଜମା କରାଯିବ । |
| 15 | ଯଦି ଦରଖାସ୍ତକାରୀ ଅତିରିକ୍ତ ଦେୟ (ADDL CHARGES) ଧାର୍ଯ୍ୟ ମୂଲ୍ୟ ଯଥା ଟ ୩୪୪ଙ୍କା ଠାରୁ କମ୍ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତଥା ବିଜ୍ଞାପନ ଅନୁଯାୟୀ ଦସ୍ତାବିଜ ଦାଖଲ କରିନଥାନ୍ତି ତେବେ ତାଙ୍କ ଦରଖାସ୍ତକୁ ବିଚାରକୁ ନିଆଯିବନାହିଁ । |
| 16 | ନିଲାମଧାରୀ OMMC Rule - 2016 ରେ ନିୟମ – 33(1-29)ର ସମସ୍ତ ସର୍ତ୍ତାବଳୀ ପାଳନ କରିବା ପାଇଁ ବାଧ୍ୟ ହେବେ । ଲିଜଧାରୀ ନିର୍ଦ୍ଧାରିତ ନିୟମର ଉଲଙ୍ଘନ କଲେ ଜମା ଦେଇଥିବା ସିକ୍ୟୁରିଟି ରାଶିକୁ ବାଜ୍ୟାପ୍ତ କ୍ଷମତା ପ୍ରାପ୍ତ ପ୍ରାଧିକୃତ ଅଧିକାରୀଙ୍କ ପାଖରେ ରହିଅଛି । ଏହା ବ୍ୟତୀତ OMMC Rule - 2016 ଅନୁସାରେ ମଧ୍ୟ ଦଣ୍ଡିତ ହେବେ । |
| 17 | ଲିଜଧାରୀ Mines Act-1952 ଏବଂExplosive Act-1984 ର ସମସ୍ତ ନିୟମ ଓ ସର୍ତ୍ତାବଳୀର ଅନ୍ତର୍ଭୁକ୍ତ ରହିବେ । |
| 18 | ସର୍ବୋଚ୍ଚ ନିଲାମଧାରୀ ପଥର ସୈରାତ ଉତ୍ସ ପରିଚାଳନା ନିମନ୍ତେ ଆବଶ୍ୟକୀୟ ମଞ୍ଜୁରୀ (Consent to operate) ଓଡିଶା ପ୍ରଦୂଷଣ ବୋର୍ଡ (Odisha Pollution Control Board) ରୁ ନିଜ ଖର୍ଚ୍ଚରେ ପ୍ରାପ୍ତ କରିବେ । |
| 19 | ସୂଚନା ଫଳକ(Display Board) ତିଆରି କରି ସେଥିରେ ସୈରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏସବୁ କାର୍ଯ୍ୟ ସମ୍ପାଦନ ପାଇଁ ଖର୍ଚ୍ଚ ଲିଜଧାରୀ ବହନ କରିବେ । |
| 20 | ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ, କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସରୁ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ କରିପାରିବେ ନାହିଁ । |
| 21 | କ୍ଷମତା ପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଉପରୋକ୍ତ ଲିଜ ବାତିଲ ବା ସ୍ଥଗିତ କରିପାରିବେ । |
| 22 | ଲିଜଧାରୀ ଉତ୍ସକୁ ଲାଗିଥିବା ରାସ୍ତାର ରକ୍ଷଣା ବେକ୍ଷଣ କରିବେ, ଉତ୍ସ ଚାରିପାଖରେ ଖାଲି ଥିବା ସ୍ଥାନରେ ପରିବେଷ ସନ୍ତୁଳନ ନିମନ୍ତେ ବୃକ୍ଷ ରୋପଣ କରିବେ, ସୈରାତ ଉତ୍ତୋଳନ ପରେ ହୋଇଥିବା ଗର୍ତ୍ତକୁ ନିଜସ୍ୱ ଖର୍ଚ୍ଚରେ ପୂରଣ କରିବେ। |
| 23 | ଲିଜ୍ ଦାରୀ ସୈରାତ ମଧ୍ୟରେ ଥିବା କୌଣସି ବୃକ୍ଷକୁ କ୍ଷମତା ପ୍ରାପ୍ତି ଅଧିକାରୀଙ୍କ ବିନାଅନୁମତିରେ କାଟି/ଉପାଡ଼ି ପାରିବେ ନାହିଁ । |

## ଗୁରୁତ୍ୱ ପୂର୍ଣ୍ଣ ତାରିଖ

- i) ଦରଖାସ୍ତ ପକାଇବାର ଆରମ୍ଭ ତା 22.10.2022 ରିଖ ପୂର୍ବାହ୍ନ ଘ10ଟିକା
- ii) ଦରଖାସ୍ତ ପକାଇବାର ଶେଷ ତା 17.11.2022ରିଖ ଅପରାହ୍ନ ଘ 5ଟିକା ପର୍ଯ୍ୟନ୍ତ
- iii) ଟେଣ୍ଡର ବାକ୍ସ ଖୋଲିବାର ତା 18.11.2022 ରିଖ ପୂର୍ବାହ୍ନ ଘ 11ଟିକା
- iv) ନିଲାମ ଚୂଡ଼ାନ୍ତ କରିବା ତା 18.11.2022 ରିଖ ଅପରାହ୍ନ ଘ 3ଟିକା
- v) କୈାଅଣସି ଅନିବାର୍ଯ୍ୟ କାରଣ ବଶତଃ ତା 18.11.2022ରିଖରେ
  ଟେଣ୍ଡର ବାକ୍ସ ଖୋଲା ହୋଇ ନପାରିଲେ ପରବର୍ତ୍ତି ତା 19.11.2022 ରିଖ ପୂର୍ବାହ୍ନ ଘ 11 ଟିକା ରେ ଖୋଲାଯିବ
- vi) ପ୍ରଥମ ଧାର୍ଯ୍ୟ ତାରିଖରେ କୌଣସି ଦରଖାସ୍ତ
  ପ୍ରାପ୍ତ ନହେଲେ ପରବର୍ତ୍ତି ଆବେଦନ ତା 20.11.2022 ରିଖ ଠାରୁ ତା 25.11.2022 ରିଖ ଅପରାହ୍ନ ଘ 5 ଟିକା ପର୍ଯ୍ୟନ୍ତ
- vii) ଦ୍ୱିତୀୟ ପର୍ଯ୍ୟାୟ ଟେଣ୍ଡର ଖୋଲିବା ତା 28.11.2022 ରିଖ ଅପରାହ୍ନ ଘ 11 ଟିକା
- viii) ନିଲାମ ଚୂଡ଼ାନ୍ତ କରିବାର ତା 28.11.2022 ରିଖ ଅପରାହ୍ନ ଘ 3 ଟିକା

OFFICE OF THE TAHASILDAR

| | |
|---|---|
| 14 | ପରିବେଶ ମଞ୍ଜୁରୀ ମିଳିବା ପରେ REGISTRATION ACT 1908 ଏବଂ STAMP ACT 1899 ଅନୁଯାୟୀ ନିଜ ଖର୍ଚ୍ଚରେ ଚୁକ୍ତି ନାମା ଦସ୍ତାବିଜ ସମ୍ପାଦନ କରିବେ । ଯଦି 3 ସପ୍ତାହ ମଧ୍ୟରେ ଚୁକ୍ତି ନାମା କାର୍ଯ୍ୟକାରୀ ନକରନ୍ତି ତେବେ ପୈଠ କରିଥିବା **(Security Deposit)** ଟଙ୍କା ବ୍ୟାଜାପ୍ତ କରି ସରକାରଙ୍କ ତହବିଲ ରେ ଜମା କରାଯିବ । |
| 15 | ଯଦି ଦରଖାସ୍ତକାରୀ ଅତିରିକ୍ତ ଦେୟ (ADDL CHARGES) ଧାର୍ଯ୍ୟ ମୂଲ୍ୟ ଯଥା ଟ ୩୪୪ଙ୍କା ଠାରୁ କମ୍ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତଥା ବିଜ୍ଞାପନ ଅନୁଯାୟୀ ଦସ୍ତାବିଜ ଦାଖଲ କରିନଥାନ୍ତି ତେବେ ତାଙ୍କ ଦରଖାସ୍ତକୁ ବିଚାରକୁ ନିଆଯିବନାହିଁ । |
| 16 | ନିଲାମଧାରୀ OMMC Rule - 2016 ରେ ନିୟମ – 33(1-29)ର ସମସ୍ତ ସର୍ତ୍ତାବଳୀ ପାଳନ କରିବା ପାଇଁ ବାଧ୍ୟ ହେବେ । ଲିଜଧାରୀ ନିର୍ଦ୍ଧାରିତ ନିୟମର ଉଲଘଂନ କଲେ ଜମା ଦେଇଥିବା ସିକ୍ୟୁରିଟି ରାଶିକୁ ବାଜ୍ୟାପ୍ତ କ୍ଷମତା ପ୍ରାପ୍ତ ପ୍ରାଧିକୃତ ଅଧିକାରୀଙ୍କ ପାଖରେ ରହିଅଛି । ଏହା ବ୍ୟତୀତ OMMC Rule - 2016 ଅନୁସାରେ ମଧ ଦଣ୍ଡିତ ହେବେ । |
| 17 | ଲିଜଧାରୀ Mines Act-1952 ଏବଂExplosive Act-1984 ର ସମସ୍ତ ନିୟମ ଓ ସର୍ତ୍ତାବଳୀର ଅନ୍ତର୍ଭୂକ୍ତ ରହିବେ । |
| 18 | ସର୍ବୋଚ୍ଚ ନିଲାମଧାରୀ ପଥର ସୈରାତ ଉତ୍ସ ପରିଚାଳନା ନିମନ୍ତେ ଆବଶ୍ୟକୀୟ ମଞ୍ଜୁରୀ (Consent to operate) ଓଡିଶା ପ୍ରଦୂଷଣ ବୋର୍ଡ (Odisha Pollution Control Board) ରୁ ନିଜ ଖର୍ଚ୍ଚରେ ପ୍ରାପ୍ତ କରିବେ । |
| 19 | ସୁଚନା ଫଳକ(Display Board) ତିଆରି କରି ସେଥିରେ ସୈରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏସବୁ କାର୍ଯ୍ୟ ସମ୍ପାଦନ ପାଇଁ ଖର୍ଚ୍ଚ ଲିଜଧାରୀ ବହନ କରିବେ । |
| 20 | ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ, କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସରୁ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ କରିପାରିବେ ନାହିଁ । |
| 21 | କ୍ଷମତା ପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଉପରୋକ୍ତ ଲିଜ ବାତିଲ ବା ସ୍ଥଗିତ କରିପାରିବେ । |
| 22 | ଲିଜଧାରୀ ଉତ୍ସକୁ ଲାଗିଥିବା ରାସ୍ତାର ରକ୍ଷଣା ବେକ୍ଷଣ କରିବେ, ଉତ୍ସ ଚାରିପାଖରେ ଖାଲି ଥିବା ସ୍ଥାନରେ ପରିବେଷ ସନ୍ତୁଳନ ନିମନ୍ତେ ବୃକ୍ଷ ରୋପଣ କରିବେ, ସୈରାତ ଉତ୍ତୋଳନ ପରେ ହୋଇଥିବା ଗର୍ତ୍ତକୁ ନିଜସ୍ୱ ଖର୍ଚ୍ଚରେ ପୂରଣ କରିବେ। |
| 23 | ଲିଜ୍ ଦାରୀ ସୈରାତ ମଧ୍ୟରେ ଥିବା କୌଣସି ବୃକ୍ଷକୁ କ୍ଷମତା ପ୍ରାପ୍ତି ଅଥିକାରୀଙ୍କ ବିନାଅନୁମତିରେ କାଟି/ଉପାଡ଼ି ପାରିବେ ନାହିଁ । |

## ଗୁରୁତ୍ୱ ପୂର୍ଣ୍ଣ ତାରିଖ

i) ଦରଖାସ୍ତ ପକାଇବାର ଆରମ୍ଭ ତା 22.10.2022 ରିଖ ପୂର୍ବାହ୍ନ ଘ10ଟିକା

ii) ଦରଖାସ୍ତ ପକାଇବାର ଶେଷ ତା 17.11.2022ରିଖ ଅପରାହ୍ନ ଘ 5ଟିକା ପର୍ଯ୍ୟନ୍ତ

iii) ଟେଣ୍ଡର ବାକ୍ସ ଖୋଲିବାର ତା 18.11.2022 ରିଖ ପୂର୍ବାହ୍ନ ଘ 11ଟିକା

iv) ନିଲାମ ଚୂଡ଼ାନ୍ତ କରିବା ତା 18.11.2022 ରିଖ ଅପରାହ୍ନ ଘ 3ଟିକା

v) କୈାଣସି ଅନିବାର୍ଯ୍ୟ କାରଣ ବଶତଃ ତା 18.11.2022ରିଖରେ
ଟେଣ୍ଡର ବାକ୍ସ ଖୋଲା ହୋଇ ନପାରିଲେ ପରବର୍ତ୍ତି ତା 19.11.2022 ରିଖ ପୂର୍ବାହ୍ନ ଘ 11 ଟିକା ରେ ଖୋଲାଯିବ

vi) ପ୍ରଥମ ଧାର୍ଯ୍ୟ ତାରିଖରେ କୌଣସି ଦରଖାସ୍ତ
ପ୍ରାପ୍ତ ନହେଲେ ପରବର୍ତ୍ତି ଆବେଦନ ତା 20.11.2022 ରିଖ ଠାରୁ ତା 25.11.2022 ରିଖ ଅପରାହ୍ନ ଘ 5 ଟିକା ପର୍ଯ୍ୟନ୍ତ

vii) ଦ୍ୱିତୀୟ ପର୍ଯ୍ୟାୟ ଟେଣ୍ଡର ଖୋଲିବା ତା 28.11.2022 ରିଖ ଅପରାହ୍ନ ଘ 11 ଟିକା

viii) ନିଲାମ ଚୂଡ଼ାନ୍ତ କରିବାର ତା 28.11.2022 ରିଖ ଅପରାହ୍ନ ଘ 3 ଟିକା

OFFICE OF THE TAHASILDAR

5

ଠିକଣା

ତହସିଲଦାରଙ୍କ କାର୍ଯ୍ୟାଳୟ କୁଳିଅଣା
ସା/ପୋ/ଥାନା-କୁଳିଅଣା
ଜିଲ୍ଲା-ମୟୂରଭଞ୍ଜ
ପିନ୍-757030

OFFICE OF THE TAHASILDAR
KULIANA, MAYURBHANJ

ଯଦି ପ୍ରଥମ ଧାର୍ଯ୍ୟ ତା.**18.11.2022** ରିଖରେ କୌଣସି କାରଣ ବଶତଃ ଜଉମୁଦ ଟେଣ୍ଡର ବାକ୍ସ ଖୋଲାହୋଇ ନପାରିଲେ, ପରବର୍ତ୍ତୀ ପର୍ଯ୍ୟାୟ ତା. **19.11.2022** ରିଖ ପୂର୍ବାହ୍ନ **11** ଘଟିକାରେ ଦରଖାସ୍ତକାରୀ କିମ୍ବା ସେମାନଙ୍କ ପ୍ରାଧିକୃତ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତିରେ ଜଉମୁଦ ଟେଣ୍ଡର ବାକ୍ସ ଖୋଲାଯାଇ ଲିଜ୍ ନିମନ୍ତେ ଯୋଗ୍ୟ ଆବେଦନକାରୀଙ୍କୁ ମନୋନୀତ କରାଯିବ |

ଯଦି ପ୍ରଥମ ଧାର୍ଯ୍ୟ ତା.**18.11.2022** ରିଖରେ ସମସ୍ତ ଦାଖଲକାରୀ ଅଯୋଗ୍ୟ ବିବେଚିତ ହୁଅନ୍ତି କିମ୍ବା କୌଣସି ଉତ୍ସ ପାଇଁ ଯଦି ଆବେଦନ ଆସିନଥାଏ ତେବେ ପରବର୍ତ୍ତୀ ପର୍ଯ୍ୟାୟରେ ତା.**20.11.2022** ରିଖ ଠାରୁ ତା **25.11.202** ରିଖ ଅପରାହ୍ନ **5** ଘଟିକା ସୁଦ୍ଧା ଆବେଦନ କରିପାରିବେ ଏବଂ ତାହା ତା. **28.11.2022** ରିଖ ପୂର୍ବାହ୍ନ **11** ଘଟିକାରେ କୁଳିଅଣା, ତହସିଲଦାରଙ୍କ କାର୍ଯ୍ୟାଳୟରେ ଦରଖାସ୍ତକାରୀ କିମ୍ବା ସେମାନଙ୍କ ପ୍ରାଧିକୃତ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତିରେ ଜଉମୁଦ ଟେଣ୍ଡର ବାକ୍ସ ଖୋଲାଯାଇ ଲିଜ୍ ନିମନ୍ତେ ଯୋଗ୍ୟ ଆବେଦନକାରୀଙ୍କୁ ଅପରାହ୍ନ ଘ **3** ଘଟିକା ରେ ମନୋନୀତ କରାଯିବ |

କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞାପନକୁ ବାତିଲ କରିବା, ପରିବର୍ତ୍ତନ କରିବା, ତ୍ରୁଟି ସଂଶୋଧନ କରିବା କିମ୍ବା କୌଣସି ଦରଖାସ୍ତକୁ ଖାରଜ କରିବା କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କରଅଛି |

14/10/22

ତହସିଲଦାର, କୁଳିଅଣା
TAHASILDAR
KULIANA

6

OFFICE OF THE TAHASILDAR KULIANA, MAYURBHANJ

ଜ୍ଞାପକ ସଂଖ୍ୟା – 2700(2) / ତା. 14.10.2022 //

ଏହାର ଏକକିତା ନକଲ ଜିଲ୍ଲାପାଳ, ମୟୂରଭଞ୍ଜ ଓ ଉପ-ଜିଲ୍ଲାପାଳ, ବାରିପଦାଙ୍କ କାର୍ଯ୍ୟାଳୟର ନୋଟିସ୍ ବୋର୍ଡ଼ରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

14/10/22

ତହସିଲଦାର, କୁଳିଅଣା

TAHASILDAR
KULIANA

ଜ୍ଞାପକ ସଂଖ୍ୟା – 2701(21)/ ତା. 14.10.2022//

ଏହାର ଏକକିତା ନକଲ ଗୋଷ୍ଠୀଉନ୍ନୟନ ଅଧିକାରୀ କୁଳିଅଣା (ଚାନ୍ଦୁଆ) ଏବଂ ସଂପୃକ୍ତ ଅଞ୍ଚଳର ଗ୍ରା.ପ./କୁଳିଅଣା ଥାନା ଅଧିକାରୀଙ୍କ ନୋଟିସ୍ ବୋର୍ଡ଼ରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

14/10/22

ତହସିଲଦାର, କୁଳିଅଣା

TAHASILDAR
KULIANA

ଜ୍ଞାପକ ସଂଖ୍ୟା –2702/(5)/ ତା. 14.10.2022//

ଏହାର ଏକକିତା ନକଲ କୁଳିଅଣା ତହସିଲ ଅଧିନରେ ଥିବା ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଏବଂ ନିଜ କାର୍ଯ୍ୟାଳୟର ନୋଟିସ ବୋର୍ଡ଼ରେ ପ୍ରକାଶ କରିବା ଓ ଏହାର ବହୁଳ ପ୍ରଚାର, ପ୍ରସାର ନିମନ୍ତେ ନିର୍ଦ୍ଦେଶ ଦିଆଗଲା ।

14/10/22

ତହସିଲଦାର, କୁଳିଅଣା

TAHASILDAR
KULIANA

ଜ୍ଞାପକ ସଂଖ୍ୟା –2703 / ତା. 14.10.2022//

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ, ମୟୂରଭଞ୍ଜଙ୍କୁ ଜିଲ୍ଲାରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

14/10/22

ତହସିଲଦାର, କୁଳିଅଣା

TAHASILDAR
KULIANA